
# ଚୁକ୍ଟିଆ ଭୁଞ୍ଜିଆ




**ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ**

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ

ଭୁବନେଶ୍ୱର, ଓଡ଼ିଶା

**୨୦୧୨**




# ଅଗ୍ରଲେଖ

ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ତଥା ପ୍ରଶିକ୍ଷଣ ପ୍ରତିଷ୍ଠାନ ଓଡ଼ିଶାରେ ଥିବା ୧୩ ଗୋଟି ଆଦିମ ଜନଜାତିଙ୍କ ଉପରେ ଇଂରାଜୀ ଭାଷାରେ "Photo Hand Books of PTGs of Odisha'' ନାମରେ ୧୩ ଗୋଟି ପୁସ୍ତିକା ଏବଂ ସେମାନଙ୍କ ଏକ ପରିଚୟାତ୍ମକ ପୁସ୍ତିକା, ଏହିପରି ମୋଟ ୧୪ ଗୋଟି ପୁସ୍ତିକା ପ୍ରକାଶ କରିଛନ୍ତି । ଜନଜାତିଙ୍କ ଉପରେ ରଚି ରଖୁଥିବା ଗବେଷକ ତଥା ଜିଜ୍ଞାସୁ ବ୍ୟକ୍ତି ବିଶେଷଙ୍କ ପାଇଁ ଏହା ବିଶେଷ ଉପଯୋଗୀ ହେଉଥିଲେ ସୁଦ୍ଧା ଓଡ଼ିଆ ଭାଷାରେ ଏହା ଉପଲବ୍ଧ ହେଉନଥିବାରୁ ଓଡ଼ିଆ ଭାଷାଭାଷୀଙ୍କ ନିକଟରେ ଏହା ଅନାଦୃତ ହୋଇ ରହିଯାଇଥିଲା । ଓଡ଼ିଶାର ଆଦିମ ଜନଜାତିଙ୍କ ସଂପର୍କରେ ଚିତ୍ର ଆଧାରିତ ପରିଚୟାତ୍ମକ ପୁସ୍ତିକାଟିଏ ଖୋଲିଲେ ସର୍ବସାଧାରଣଙ୍କୁ ଇଂରାଜୀ ଭାଷାରେ ପ୍ରକାଶିତ ପୁସ୍ତିକା ଉପରେ ନିର୍ଭର କରିବାକୁ ପଡୁଥିଲା । ଏହାକୁ ଆଖି ଆଗରେ ରଖି ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ ଏହି ପୁସ୍ତିକା ଗୁଡିକର ଅନୁସୃଜନ କାର୍ଯ୍ୟ ହାତକୁ ନେଇ ତାହାକୁ ପ୍ରକାଶ କରିଛନ୍ତି । ଉପରୋକ୍ତ ବିଷୟକୁ ସର୍ବସାଧାରଣରେ ଉପସ୍ଥାପିତ କରିବା ପାଇଁ ଆଦିମ ଜନଜାତିଙ୍କ ସାମାଜିକ - ସାଂସ୍କୃତିକ - ଅର୍ଥନୈତିକ ବିକାଶ ଉପରେ ଚିତ୍ର ସମ୍ବଳିତ ଏହି ଚିତ୍ରପୋଥୀ ପ୍ରକାଶ କରାଯାଇଛି । ଜନସାଧାରଣ, ଗବେଷକ, ସୁଧୀ ପାଠକଙ୍କ କାମକୁ ଏହା ଆସିପାରିଲେ ଓଡ଼ିଶାର ଜନଜାତିଙ୍କ ସାଂସ୍କୃତିକ ବୈଚିତ୍ର୍ୟକୁ ଆଲୋଚନା କରିବାର ସୁଯୋଗ ସୃଷ୍ଟି ହୋଇପାରିବ ।

ସନ୍ତୋଷ ଷଡ଼ଙ୍ଗୀ

**(ସନ୍ତୋଷ କୁମାର ଷଡ଼ଙ୍ଗୀ)**


କମିଶନର ତଥା ଶାସନ ସଚିବ

# ଚୁକ୍‌ଟିଆ ଭୁଞ୍ଜିଆ




ମୂଳ ଇଂରାଜୀ :
**ଅଖିଳ ବିହାରୀ ଓତା**
**ତ୍ରିଲୋଚନ ସାହୁ**

ଓଡ଼ିଆ ଅନୁସୃଜନ :
**ଅଖିଳ ବିହାରୀ ଓତା**
**ପରମାନନ୍ଦ ପଟେଲ**
**ପ୍ରଦୀପ୍ତ କୁମାର ସାମଲ୍**



# ପରିଚିତି



ଭୂଞ୍ଜିଆ ଓଡ଼ିଶାର ଏକ ସ୍ୱଳ୍ପଜ୍ଞାତ ଏବଂ ସଂଖ୍ୟାନ୍ୟୁନ ଜନଜାତି ଗୋଷ୍ଠୀ । 'ଭୂମ୍' ଶବ୍ଦରୁ ଭୂଞ୍ଜିଆ ଶବ୍ଦର ଉତ୍ପତ୍ତି । 'ଭୂମ୍' କହିଲେ ଭୂମି ବା ମାଟି । ଏଇ ମାଟିର ସନ୍ତାନମାନେ ହେଲେ ଭୂଞ୍ଜିଆ । ବାଇଗା ଏବଂ ଛତିଶଗଡ଼ି ମିଶ୍ରିତ ବୋଲିରେ ଏମାନେ କଥାବାର୍ତ୍ତା କରନ୍ତି । ଏହି ଜନଜାତି ଚୁକ୍‌ଟିଆ ଭୂଞ୍ଜିଆ ଓ ଚିନ୍ଦା ଭୂଞ୍ଜିଆ ଭେଦରେ ଦ୍ୱିବିଧ । ଚୁକଟିଆ ଭୂଞ୍ଜିଆ ଆଦିମ ଜନଜାତିର ପ୍ରତିନିଧିତ୍ୱ କରୁଥିବା ବେଳେ ଚିନ୍ଦା ଭୂଞ୍ଜିଆମାନେ ହଲବା ଓ ଗଣ୍ଡ ବଂଶୀୟ ମନେ ହୁଅନ୍ତି । ନୂଆପଡ଼ା ଜିଲ୍ଲାର ସଦର ମହକୁମା ଠାରୁ ପ୍ରାୟ ୭୦ କି.ମି. ଦୂରରେ ଅବସ୍ଥିତ ସୁନାବେଡ଼ା ଉପତ୍ୟକାର ପ୍ରାକୃତିକ ପରିବେଶ ଏମାନଙ୍କର ନିଜର ପ୍ରିୟ ବାସସ୍ଥଳୀ । ଚୁକ୍‌ଟିଆ ଭୂଞ୍ଜିଆମାନଙ୍କର ସାମାଜିକ ଓ ଅର୍ଥନୈତିକ ବିକାଶ ନିମନ୍ତେ ସୁନାବେଡ଼ାଠାରେ "ଚୁକ୍‌ଟିଆ ଭୂଞ୍ଜିଆ ଉନ୍ନୟନ ସଂସ୍ଥା" ନାମରେ ଏକ "ଅଣୁ ପ୍ରକଳ୍ପ" କାର୍ଯ୍ୟରତ । ୨୦୦୭ ମସିହା ସର୍ଭେ ଅନୁଯାୟୀ ଏହି ଅଣୁ ପ୍ରକଳ୍ପ ଅଞ୍ଚଳରେ ୧୧୨୪ ଜଣ ପୁରୁଷ ଓ ୧୧୪୫ ଜଣ ମହିଳା (ମୋଟ ୨୨୬୯) ବାସ କରୁଥିଲେ । ୨୦୦୧ରୁ ୨୦୦୭ ମଧ୍ୟରେ ଏମାନଙ୍କର ଜନସଂଖ୍ୟା ବୃଦ୍ଧି ହାର ଶତକଡ଼ା ୩.୯୬ ଭାଗ । ପ୍ରତି ହଜାରେ ପୁରୁଷରେ ମହିଳାମାନଙ୍କର ସଂଖ୍ୟା ୧୦୧୮ । ସାକ୍ଷରତା ହାର ୧୮.୭୭ । ପୁରୁଷ ସାକ୍ଷରତା ହାର ୨୮.୫୫ ଥିବାବେଳେ ମହିଳା ସାକ୍ଷରତା ହାର ୯,୧୭ ରହିଛି ।









ଚୁକୁଟିଆ ଭୂଞ୍ଜିଆମାନଙ୍କର ସ୍ୱତନ୍ତ୍ର ଓ ପବିତ୍ର ରୋଷେଇଶାଳ ସେମାନଙ୍କ ସାମାଜିକ ଓ ସାଂସ୍କୃତିକ ପରିଚିତିର ଅନନ୍ୟ ନମୁନା । ଏହି ରୋଷେଇଶାଳ ଅନ୍ୟ ଘରଗୁଡ଼ିକଠାରୁ ସ୍ୱଳ୍ପ ବ୍ୟବଧାନରେ ଅବସ୍ଥିତ । ରୋଷେଇଶାଳ, ବାହାର ଲୋକ ଏପରିକି ବିବାହିତା ଝିଅଙ୍କ ନିମନ୍ତେ ନିଷିଦ୍ଧାଞ୍ଚଳ । ଏହି ପବିତ୍ର ଗୃହକୁ ଅନ୍ୟମାନେ ଛୁଇଁବା ମନା । ଯଦି କେହି କେବେ ଏହି ରୋଷଇଶାଳକୁ ଅଜାଣତରେ ବି ଛୁଇଁ ଦିଏ ତେବେ ଏହାକୁ ନିଆଁ ଲଗେଇ ପୋଡ଼ି ଦେଇ ଭାଙ୍ଗି ଦିଆଯାଏ । ନୂଆଘର ନିର୍ମାଣ ହେବା ପର୍ଯ୍ୟନ୍ତ ଅନ୍ୟ ଗୋଟିଏ ଖୋଲା ସ୍ଥାନକୁ ଆବଦ୍ଧ କରି ସେଠାରେ ରୋଷେଇ କାର୍ଯ୍ୟ କରାଯାଏ । ରୋଷେଇ ଘରକୁ ସାଧାରଣତଃ ନାଲି ରଙ୍ଗରେ ଲିପା ଯାଉଥିବାରୁ ଏହାକୁ ଲାଲ୍ ବଙ୍ଗଳା ମଧ କୁହନ୍ତି ।













# ବସତି



ଚୁକ୍ଟିଆ ଭୂଞ୍ଜିଆମାନେ ବସତିସ୍ଥଳ ବିଶେଷରେ କେଉଁଠି ୮ରୁ ୧୦ ଘର ତ ଆଉ କେଉଁଠି ୫୦ରୁ ୬୦ ଘର । ଗାଁକୁ ଦୁଷ୍ଟ ଆତ୍ମାଙ୍କଠାରୁ ସୁରକ୍ଷା ଦେବା ପାଇଁ ଗ୍ରାମ ସୀମାରେ ବହୁ ଦେବଦେବୀଙ୍କ ପ୍ରତିଷ୍ଠା ଓ ପୂଜା ପରଂପରା ରହିଛି । ଚୁକ୍ଟିଆ ଭୂଞ୍ଜିଆମାନଙ୍କର ଗୃହନିର୍ମାଣ ଶୈଳୀରେ ସ୍ୱାତନ୍ତ୍ର୍ୟ ରହିଛି । ଦୁଇ ବା ତତୋଧିକ ପରିବାର ପ୍ରଶସ୍ତ ଓ ମୁକ୍ତ ସ୍ଥାନକୁ ଘର ତିଆରି କରିବା ନିମନ୍ତେ ଉପଯୁକ୍ତ ସ୍ଥାନ ବୋଲି ବିଚାର କରନ୍ତି । ସାଧାରଣତଃ ଗୋଟିଏ ଭୂଞ୍ଜିଆ ଘରର ଦୁଇଟି ବଖରା ଥାଏ । ବଡ ବଖରାଟିକୁ ଶୟନ ତଥା ଭଣ୍ଡାର ଘର ଭାବରେ ବ୍ୟବହାର କରାଯାଏ । ଏହି ଦୁଇ ବଖୁରିଆ ଘରର ସମ୍ମୁଖରେ ଅଳ୍ପ ବ୍ୟବଧାନରେ ଲାଲ୍ ବଙ୍ଗଳା ବା ରୋଷେଇ ଘର ନିର୍ମିତ ହୁଏ ।



ଚୁକ୍ଟିଆ ଭୂଞ୍ଜିଆମାନଙ୍କର ଘର ମାଟି ନିର୍ମିତ । ଜଙ୍ଗଲରୁ ମିଳୁଥିବା ଲମ୍ବ ବଣୁଆ ଘାସ ଦ୍ୱାରା ଘରର ଛପର କରାଯାଏ । ବାସ ଓ ରୋଷଘରକୁ ଛାଡି ଅନ୍ୟ ଘରର ଦ୍ୱାର ବନ୍ଧରେ କବାଟ ଲାଗେ ନାହିଁ । ଘରର ଚଟାଣକୁ ଗାଈ ଗୋବର ବା ନାଲି ମାଟିରେ ଲିପାଯାଏ । ଘର କାନ୍ଥକୁ ଲିପିବାରେ ଧଳା ଓ ନାଲିମାଟି ବ୍ୟବହାର କରାଯାଏ । ଘରର କାନ୍ଥକୁ ସୁନ୍ଦର ଓ ଆକର୍ଷଣୀୟ କରିବା ନିମନ୍ତେ ବିଭିନ୍ନ ପ୍ରକାର ଫୁଲ ଓ ପଶୁପକ୍ଷୀ ଚିତ୍ର ଅଙ୍କିତ ହୋଇଥାଏ ।










# ବାସସ୍ଥଳୀ




ଚୁକ୍‌ଟିଆ ଭୂଞ୍ଜିଆମାନେ ସୁନାବେଡ଼ା ଉପତ୍ୟକାର ଗତିବେଡ଼ା ପାର୍ବତ୍ୟାଞ୍ଚଳର ବର୍ଣ୍ଣିଳ ଓ ସବୁଜ ପ୍ରାକୃତିକ ପରିବେଶ ମଧ୍ୟରେ ବସବାସ କରୁଛନ୍ତି । ସୁନାବେଡ଼ା ଅଞ୍ଚଳ ପୂର୍ବତନ ଖଡ଼ିଆଳ ଜମିଦାରୀର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ । ବର୍ତ୍ତମାନ ଏହା ନୂଆପଡ଼ା ଜିଲ୍ଲା ଅନ୍ତର୍ଭୁକ୍ତ ହୋଇଛି । ସମୁଦ୍ର ପତ୍ତନଠାରୁ ଏହି ଉପତ୍ୟାକାର ଉଚ୍ଚତା ହାରାହାରି ୩୦୦୦ ଫୁଟ ଉଚ୍ଚ । ଭେଲା- ଗାଁ ନିକଟରେ ସୁନ୍ଦର ନଦୀକୁ ଡେଇଁ ଦୀର୍ଘ ୩୫ କି.ମି. ରାସ୍ତା ବହୁ ପର୍ବତ ଶ୍ରେଣୀ ଓ ପାହାଡ଼ି ଝରଣା ଅତିକ୍ରମ କରି ସୁନାବେଡାକୁ ନୂଆପଡ଼ା ଜିଲ୍ଲାର ସଦର ମହକୁମା, ଭବାନୀପାଟଣା,



ନୂଆପଡ଼ା ରାଜ୍ୟ ରାଜପଥରେ ବ୍ଲକ ସହ ସଂଯୋଜିତ କରିଛି । ଏହା ବ୍ୟତୀତ ସୁନାବେଡା ଠାରୁ ଅନେକ ପାଦଚଲା ପାହାଡି ରାସ୍ତା ଓ ଶଗଡ ପଥ ବହୁ ସ୍ଥାନକୁ ପ୍ରସାରିତ ହୋଇ ବିପଣନ ତଥା ତୀର୍ଥ ସ୍ଥାନ ପରିଦର୍ଶନ ନିମନ୍ତେ ସଂଯୋଜିତ ହୋଇଛି । ସୁନାବେଡ଼ାର ପ୍ରାକୃତିକ ପରିବେଶ ଅତ୍ୟନ୍ତ ସୁଦୃଶ୍ୟ ଓ ମନୋରମ । ଏହା ଏକ ବଣ୍ୟଜନ୍ତୁ ପରିବେଶିଷ୍ଟ ଅଭୟାରଣ୍ୟ ଏବଂ ଅନେକ ପ୍ରାକୃତିକ ଝରଣା (Water fall) ପରିଶୋଭିତ । ଏହା ବ୍ୟତୀତ ଦୁଇଗୋଟି ଉଷ୍ଣ ପ୍ରସବଣ (Sulphurous Hot Spings) ପରିଦର୍ଶକମାନଙ୍କୁ ଆକୃଷ୍ଟ କରେ । ଏହି ଜଙ୍ଗଲରେ ବାଘ, ବଣ ମଇଁଷି, ଭାଲୁ, ଚିତା, ହରିଣ, ହେଟା ଆଦି ବଣ୍ୟଜନ୍ତୁ ରହିଛନ୍ତି । ଏହାଛଡ଼ା ବଣି, ବୁଲ୍‌ବୁଲ୍, ଗୁଣ୍ଡୁରୀ, ଶୁଆ, ବଣକୁକୁଡ଼ା, ଆଦି ପକ୍ଷୀଙ୍କ ନିର୍ଭୟ ବାସସ୍ଥଳୀ । ଗୋଖର, ଅଜଗର, ଚିତି ପ୍ରଭୃତି ସରୀସୃପ ମଧ୍ୟ ଏଠାରେ ଅନେକ ସମୟରେ ଦୃଷ୍ଟିକୁ ଆସିଥାନ୍ତି ।





ଏହି ଅଞ୍ଚଳ ଉତ୍ତରାଞ୍ଚଳୀୟ ପର୍ଣ୍ଣମୋଚୀ ଅରଣ୍ୟ ଅନ୍ତର୍ଭୁକ୍ତ । ଏହି ଅରଣ୍ୟରେ ମୁଖ୍ୟତଃ ଶାଳ, ମହୁଲ, ଶାଗୁଆନ, ପିଆଶାଳ, ସାହାଜ, ଧରୁଆ, ଶିଶୁ, କେନ୍ଦୁ, ହରିଡା ଆଦି ବୃକ୍ଷରାଜି ଦେଖାଯାଏ । ମହୁଲ, ଶାଳମଞ୍ଜି, ଶିମିଳି ତୁଳା, କାଠ, ବାଉଁଶ, କେନ୍ଦୁପତ୍ର, ଶିଆଳୀ ପତ୍ର, ଘୃରକୋଳି, ରିଠା ଆଦି ବନଜାତ ଦ୍ରବ୍ୟ ଏଠାରେ ଉପଲବ୍ଧ ହୁଏ । କେତେକ ବନଜାତ ବୃକ୍ଷର ଫୁଲ, ଫଳ, ମୂଳ ଓ ଚେରକୁ ଔଷଧ ଭାବରେ ବ୍ୟବହାର କରାଯାଇଥାଏ ।



ଚୁକ୍‌ଟିଆ ଭୂଞ୍ଜିଆମାନଙ୍କର ଘରକରଣା ଜିନିଷ ମଧ୍ୟରେ ମାଟି ନିର୍ମିତ ପାତ୍ର (ମାଠିଆ), ଚକି (ଘୋରଣୀ), ଶିଳ, ଶିଳପୁଆ, ରୋଷେଇ ବାସନ, ଛତା, ମସିଣା ସେମାନଙ୍କ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ । ଚୁକ୍‌ଟିଆମାନେ ଏକାଧାରରେ












ଶିକାରୀ, କୃଷିଜୀବି ତଥା ବନଜାତ ସାମଗ୍ରୀ ସଂଗ୍ରହକାରୀ । ସେମାନେ ଶିକାର ଉପକରଣ ଓ କୃଷି ଉପକରଣ ସହ ମାଛ ଧରିବା ପାଇଁ ଚ୍ବପ (Chapa), ମାଟି ଖୋଳିବା ପାଇଁ ଶାବଳ, ଶସ୍ୟ କାଟିବା ଦା (Sickles) ବା ହଁସିଆ (Hansia), କାଠ ହଣା କୁରାଢ଼ୀ (Tangia) ବ୍ୟବହାର କରନ୍ତି । ଜଙ୍ଗଲଜାତ ଦ୍ରବ୍ୟ ଓ ଖାଦ୍ୟ ଦ୍ରବ୍ୟକୁ ସାଇତି ରଖିବା ନିମନ୍ତେ ବିଭିନ୍ନ ପାତ୍ର, ଝୁଡ଼ି ବା ଥଳିଆ ବ୍ୟବହାର କରନ୍ତି ।


















# ଖାଦ୍ୟ ଓ ପାନୀୟ

ଭାତ ଚୁକ୍‌ଟିଆ ଭୂଞ୍ଜିଆମାନଙ୍କର ମୁଖ୍ୟ ଖାଦ୍ୟ । ସେମାନେ ପ୍ରାୟତଃ ଅରୁଆ ଚାଉଳ ବ୍ୟବହାର କରନ୍ତି । ମକା, ବାଜରା ଓ ଅନ୍ୟ କେତେକ ଡାଲି ଜାତୀୟ ଶସ୍ୟକୁ ମଧ ଖାଦ୍ୟରୂପେ ଗ୍ରହଣ କରନ୍ତି । କନ୍ଦମୂଳ, କଖାରୁ, ଅମୃତଭଣ୍ଡା, ବାଇଗଣ ଆଦି ପନିପରିବା, ସୋରିଷ ଏବଂ ଅନ୍ୟାନ୍ୟ ତୈଳବୀଜ ମହୁଲ ଫୁଲ ଦ୍ୱାରା ପ୍ରସ୍ତୁତ ସ୍ୱାଦିଷ୍ଟ ଓ ପୃଷ୍ଟିକର ବ୍ୟଞ୍ଜନ ସେମାନଙ୍କର ଅତି ପ୍ରୀୟ ଖାଦ୍ୟ । ମହୁଲ ଫୁଲକୁ ଶୁଖାଇ ଭାଜି କେଲି ପ୍ରାୟ କରି ଭବିଷ୍ୟତ ବ୍ୟବହାର ନିମନ୍ତେ ସାଇତି ରଖନ୍ତି । ପୁରୁଷ ଓ ମହିଳା ଉଭୟେ ଆମିଷାଶି । ଗୃହପାଳିତ ପଶୁ ମାଂସ ସେମାନେ କ୍ୱଚିତ୍ ଖାଆନ୍ତି । ମହିଳାମାନେ ସାଧାରଣତଃ କୁକୁଡ଼ା ମାଂସ ଖାଆନ୍ତି ନାହିଁ । ଗର୍ଭବତୀ ମହିଳାମାନେ ଦେବଦେବୀ ଉଦ୍ଦେଶ୍ୟରେ ଉତ୍ସର୍ଗ କରାଯାଇଥିବା ପଶୁପକ୍ଷୀଙ୍କ ମାଂସକୁ ଖାଦ୍ୟ ଭାବରେ ଗ୍ରହଣ କରନ୍ତି ନାହିଁ ।




ପୁରୁଷ ଓ ମହିଳା ଉଭୟ ଗ୍ଧ’ ପିଇଥାନ୍ତି । ତମାଖୁ ଗୁଣ୍ଡ (ଖଇନି) ଭୂଞ୍ଜିଆ ପୁରୁଷମାନଙ୍କର ଅତି ପ୍ରିୟ ନିଶାଦ୍ରବ୍ୟ । ପୁରୁଷମାନେ ମଧ ବିଡି ଓ ସିଗାରେଟ୍ ବ୍ୟବହାର କରିଥାନ୍ତି । ଜଙ୍ଗଲରୁ ସଂଗ୍ରହ କରୁଥିବା ଫୁଲ, ଫଳ, ମୂଳ ସେମାନଙ୍କ ଖାଦ୍ୟର ଆବଶ୍ୟକତାକୁ କେତେ ପରିମାଣରେ ପୂରଣ କରିଥାଏ । ବାଉଁଶ କରଡ଼ି ସେମାନଙ୍କର ଅନ୍ୟତମ ପ୍ରିୟ ଖାଦ୍ୟ । ବୟସ୍କମାନେ ସାଧାରଣତଃ ଦିନକୁ ଦୁଇଥର ଖାଆନ୍ତି, ମଧ୍ୟାହ୍ନରେ ଓ ଆଉ ଥରେ ସୂର୍ଯ୍ୟ ଅସ୍ତ ହେବାର ଠିକ୍ ପରେ ପରେ । ଶିଶୁମାନେ ସେମାନଙ୍କ ଆବଶ୍ୟକତାକୁ ନେଇ ଏକାଧିକ ଥର ଖାଦ୍ୟ ଖାଇଥାନ୍ତି । ପିଲାମାନଙ୍କ ଖାଦ୍ୟ ଖାଇବାରେ କୌଣସି ନିର୍ଦ୍ଦିଷ୍ଟ ସମୟ ନଥାଏ ।












# ଜୀବନ ଶୈଳୀ







ଚୁକ୍‌ଟିଆ ଭୂଞ୍ଜିଆମାନଙ୍କର ଜୀବନ ଶୈଳୀ ବଡ ସୁନ୍ଦର । ସେମାନଙ୍କର ଅର୍ଥନୈତିକ ଜୀବନ, ଜୀବନଧାରଣ ଉପଯୋଗୀ ହୋଇଥାଏ । କୃଷି ସେମାନଙ୍କର ମୁଖ୍ୟ ଉପଜୀବ୍ୟ । ସେମାନେ ଉଭୟେ ତଳିଆ ଜମି ଚାଷ ଓ ପୋଡୁଚାଷ କରନ୍ତି । ଭୂଞ୍ଜିଆମାନେ ପୋଡୁଚାଷକୁ “ବେଓ୍ୱାର” କହିଥାନ୍ତି । ବେଓ୍ୱାର ଚାଷରେ ସେମାନେ ସହଭାଗୀ ଶ୍ରମଦାନ କରନ୍ତି । ସ୍ୱେଚ୍ଛାସେବୀ ଶ୍ରମିକ ଦଳ କୌଣସି ପାରିଶ୍ରମିକ ନିଅନ୍ତି ନାହିଁ । ଶ୍ରମଦାନ ଦିବସରେ ମିଳିତ ଭୋଜିର ଆୟୋଜନ ହୁଏ । ପୋଡୁଚାଷ ପାଇଁ ପ୍ରସ୍ତୁତ କ୍ଷେତରେ ବିବିଧ ଶସ୍ୟ ଯଥା, ରାଗି, ସୁଆଁ, ଆଦି ଚାଷ କରାଯାଏ । ଏହାଛଡ଼ା ବିରି, କାନ୍ଦୁଲ, ଝୁଡ଼ଙ୍ଗ, ବାଜରା, ଜହ୍ନା, କାକୁଡ଼ି ଓ ସୋରିଷ ମଧ ବାରି ବଗିଚାରେ ଚାଷ କରିଥାନ୍ତି । ନିମ୍ନ ସମତଳ ଓ ତଳିଆ ଜମିରେ ବୁଣା ଓ ତଳିରୁଆ ପଦ୍ଧତିରେ ଧାନଚାଷ କରାଯାଏ । ଚୁକ୍‌ଟିଆ ଭୁଞ୍ଜିଆ ଗାଁର ଆପାତତଃ ଦଶ ବର୍ଷର ସମସ୍ତ ଝିଅଙ୍କୁ ଏକା ସାଙ୍ଗରେ ପ୍ରାଗ୍ କୈଶୋର ରୀତି ସଂସ୍କାର “କଣାବରା” କରାଯାଏ । ଅପେକ୍ଷାକୃତ କମ ବୟସର ଝିଅଟିଏ କଣାବରା ହେଉଥିବା ଝିଅର ମୁଣ୍ଡରେ ଖଜୁରୀ ପତ୍ରର ଟୋପି ଲଗାଇ ଦିଏ ଏବଂ ସେମାନଙ୍କୁ ପବିତ୍ର ଗାଧୁଆ ନିମନ୍ତେ ନିକଟବର୍ତ୍ତୀ ନଦୀକୁ ନିଆଯାଏ । ଏହାପରେ ସମସ୍ତ ଝିଅ ଗାଁକୁ ଫେରିଆସି ଭୂଇଁରେ ପୋତା ହୋଇଥିବା ଏକ ତୀରକୁ ସାତଥର ପ୍ରଦକ୍ଷିଣା କରିସାରିବା ପରେ ପରିବାର ଓ ବନ୍ଧୁଙ୍କ ପାଇଁ ଭୋଜି ଆୟୋଜନ କରାଯାଇଥାଏ ।

















"କଣାବରା" ହେବା ପର୍ଯ୍ୟନ୍ତ କୌଣସି ଝିଅ ବାହା ହୋଇପାରିବେ ନାହିଁ । କଣାବରା ଉପରାନ୍ତ ସେ ଯୁବତୀ ବିବେଚିତ ହୁଏ ଏବଂ ସମସ୍ତ ନୀତି ନିୟମ ମାନି ଚଳେ । ଶଗଡ଼, ଲଙ୍ଗଳ ତଥା ଚାଷ କାର୍ଯ୍ୟରେ ବଳଦଏବଂ ମଇଁଷିଙ୍କ ସାହାଯ୍ୟ ନିଆଯାଇଥାଏ । କେତେକ ପ୍ରଗତିଶୀଳ ଭୂଞ୍ଜିଆ ଚାଷୀ ଆଧୁନିକ କୃଷି ପ୍ରଣାଳୀକୁ ଗ୍ରହଣ କରି ନଳକୂପ ଯୋଜନାରେ ସହାୟତା ପାଇ ଆଖୁ ଓ ପନିପରିବା ଯଥା; କଦଳୀ, ଟମାଟୋ, କୋବି ଓ ଲଙ୍କା ଆଦି ଚାଷ କରି ଉପକୃତ ହୋଇଛନ୍ତି ।କୃଷି ବ୍ୟତୀତ ସେମାନେ ଶିକାର, ପଶୁପାଳନ, ମାଛ ଧରିବା, ମଜୁରୀ ଲାଗିବା ଆଦି କର୍ମରେ ନିୟୋଜିତ ହୋଇ ନିଜର ଜୀବନ - ଜୀବିକା ନିର୍ବାହ କରିଥାନ୍ତି । ସେମାନେ ଗାଈ, ବଳଦ, ଛେଳି, ମେଣ୍ଢା, ମଇଁଷି, କୁକୁର, ପାରା ଓ ଶୁଆ ଆଦି ପାଳନ କରିଥାନ୍ତି । ଚୁକୁଟିଆମାନେ ଶୁଆକୁ କଥା କହିବା ପାଇ ପାଳିଥିବା ବେଳେ ପୂଜାରେ ବଳି ଦେବା ନିମନ୍ତେ ଛେଳି, କୁକୁଡ଼ା ପାଳିଥାନ୍ତି । ତେବେ ଛେଳି, କୁକୁଡ଼ା ବିକ୍ରୀକରି ନିଜର ଆବଶ୍ୟକ ଗୁଜୁରାଣ ମେଣ୍ଟାଇଥାନ୍ତି ।















ଚୁକ୍‌ଟିଆମାନେ ମାଛ ଧରିବାରେ ଅଭ୍ୟସ୍ତ । ସେମାନେ ସାମୟିକ ଭାବରେ ମାଛ ଧରିଥାନ୍ତି । ଝରଣା ଓ ପୋଖରୀ ବନ୍ଧରୁ ଥାପା, ସିଙ୍ଗା ତଥା ଧନୁ ଓ ତୀର ବ୍ୟବହାର କରି ମାଛ ଧରନ୍ତି । ବେଳେବେଳେ ସେମାନେ ମାଛ ଧରିବା ପାଇଁ ଏକ ପ୍ରକାର ନିଶା ଦ୍ରବ୍ୟ କେଉକନ୍ଦା ବ୍ୟବହାର କରିଥାନ୍ତି । କେଉକନ୍ଦା ପ୍ରଭାବରେ ମାଛ ସଜ୍ଞାହୀନ ହୋଇଯାଏ । ଅଚେତ୍ ଅବସ୍ଥାରେ ଥିବା ମାଛକୁ ଧରିବା ସହଜ ହୁଏ । ଶେଉଳ, ବମ୍ବା, ମାଗୁର, ଚିଙ୍ଗୁଡ଼ି, ରୋହି ଆଦି ମାଛ ଧରି ନିଜେ ଖାଇବା ସହ ଆବଶ୍ୟକ ସ୍ଥଳେ ବିକ୍ରିବଟା କରିଥାନ୍ତି ।

ସେମାନେ ଜଙ୍ଗଲରୁ କାଠ ସଂଗ୍ରହ କରି ମୁଣ୍ଡରେ ବୋହି ଆଣନ୍ତି । ବଣରୁ ମଧ ଏକ ପ୍ରକାର ଜଙ୍ଗଲଘାସ ସଂଗ୍ରହ କରି ଝାଡୁ ତିଆରି କରି ନିଜ ବ୍ୟବହାର ଉପରାନ୍ତ ବେଳେ ବେଳେ ବିକ୍ରୟ କରିଥାନ୍ତି ।


ଚୁକ୍‌ଟିଆମାନେ ଜଙ୍ଗଲରୁ ବାଉଁଶ ସଂଗ୍ରହ କରିଥାନ୍ତି । ତାକୁ କାଟି ସରୁ ପତଳା ପାତ ତିଆରି କରି ସିଙ୍ଗା, ମାଛ ଧରା ଉପକରଣ, ଝୁଡ଼ି, ଟୋକେଇ ତିଆରି କରିଥାନ୍ତି । ଏହାଛଡ଼ା ଘର ବ୍ୟବହାର ଓ ବାଡ ପାଇଁ ବାଉଁଶକୁ ବ୍ୟବହାର କରିଥାନ୍ତି ।














# ସାମାଜିକ ଜୀବନ

ସାମାଜିକ ସ୍ତରରେ ଚୁକ୍‌ଟିଆ ଭୂଞ୍ଜିଆମାନେ ଦୁଇ ଗୋଷ୍ଠୀରେ ବିଭକ୍ତ । ତାହା ହେଲା ନେତାମ୍ ଓ ମଡ଼କାମ୍ । ପିତୃବଂଶୀୟ ଗୋଷ୍ଠୀ ନେତାମ୍ ମାତୃବଂଶୀ ଗୋଷ୍ଠୀ ମଡ଼କାମ୍ ନାମରେ ପରିଚିତ । ପ୍ରତ୍ୟେକ ଦଳ କେତେଗୁଡ଼ିଏ ବରଗ୍‌ରେ ବିଭକ୍ତ । ପ୍ରତି ବରଗ୍‌ର ସ୍ୱତନ୍ତ୍ର ପଦବୀ ରହିଛି । ପ୍ରତ୍ୟେକ ପଦବୀ ନିର୍ଦ୍ଦିଷ୍ଟ ଦେବଦେବୀଙ୍କ ପୂଜା ଆରାଧନା କର୍ମ ସଂପାଦନ ନିମନ୍ତେ ରହିଛି । ନେତାମ୍ ଗୋଷ୍ଠୀ ଦଶଗୋଟି ବରଗରେ ବିଭକ୍ତ । ସେହିପରି ମଡ଼କାମ୍ ଗୋଷ୍ଠୀ ନଅଗୋଟି ବର୍ଗରେ ବିଭାଜିତ । ରକ୍ତଗତ ସଂପର୍କ ଥାଇ ଗୋଟିଏ ବରଗ୍ କେତେଗୁଡ଼ିଏ ପରିବାରରେ ବିଭକ୍ତ । ନିୟମତଃ ଗୋଷ୍ଠୀ ଓ ବରଗ ଏକ ଅନୁବଂଶୀୟ ହୋଇଥିବାରୁ ଗୋଷ୍ଠୀ ବାହାରେ ବିବାହ ପ୍ରଥା ପ୍ରଚଳିତ ।

ଭୂଞ୍ଜିଆ ସମାଜରେ ପରିବାର ସବୁଠାରୁ ଛୋଟ ସାମାଜିକ ଏକକ । ଅବିବାହିତ ପୁଅ-ଝିଅ ଓ ପିତାମାତାଙ୍କୁ ନେଇ ଏକ ପରିବାର । ପରିବାରର ଆକାର ସ୍ଥଳ ବିଶେଷରେ ୩ରୁ ୧୦ ବା ତତୋଧିକ ସଦସ୍ୟ ବିଶିଷ୍ଟ । ପୁଅ ବାହାହେଲା ପରେ ବାପା ମାଆଙ୍କ ଠାରୁ ଅଲଗା ହୋଇ ସେହି ଗାଁରେ ସ୍ୱତନ୍ତ୍ର ଘର ତିଆରି କରି ରୁହେ । ଝିଅ ବିବାହ କଲା ପରେ ବାପ ଘର ଛାଡି ସ୍ୱାମୀ ଘରେ ରହିବାର ପରଂପରା ରହିଛି । ଅବିବାହିତ ପୁତ୍ର - କନ୍ୟାମାନେ ବିବାହ ବଂଧନରେ ଆବଦ୍ଧ ହେବା ପର୍ଯ୍ୟନ୍ତ ପିତାମାତାଙ୍କ ସହିତ ବସବାସ କରନ୍ତି । କୌଣସି କାରଣବଶତଃ ଯଦି ପିତାମାତାଙ୍କର ମୃତ୍ୟୁହୁଏ ତେବେ ଅବିବାହିତ ପୁତ୍ର-କନ୍ୟା ବିବାହିତ ଭାଇ ପାଖରେ ବିବାହ କଲା ପର୍ଯ୍ୟନ୍ତ ରହନ୍ତି । ବୟୋଜ୍ୟେଷ୍ଠ ପୁରୁଷକୁ ପରିବାରର ମୁଖ୍ୟ ଭାବରେ ବିଗ୍ଣର କରାଯାଏ । ତେଣୁ ଗୋଟିଏ ଭୂଞ୍ଜିଆ ପରିବାର ପିତୃପ୍ରଧାନ, ପୁରୁଷ ପ୍ରଧାନ, ପିତୃ ବଂଶୀୟ ହୋଇଥାଏ ।










# ବିବାହ

ରଜପ୍ରାପ୍ତି ହେବାମାତ୍ରେ କନ୍ୟାକୁ ଗୋଟିଏ କୋଠରୀରେ ଏକ ସପ୍ତାହ ପର୍ଯ୍ୟନ୍ତ ରଖାଯାଏ । ସପ୍ତମ ଦିନ ହଳଦୀ ଓ ମହୁଲ ତେଲ ଲଗାଇ ନଦୀରେ ସ୍ନାନ କରାଯାଏ । ସ୍ନାନସାରି ମାମୁଁ ଘରକୁ ଯାଏ । ମାମୁଁ ଘର ରୋଷଶାଳାରେ ନୂଆଚୂଲିରେ ପିତଳ କଂସା ପାତ୍ରରେ ରୋଷେଇ କରେ । "କଣାବରା" ପରି ବିବାହ ପୂର୍ବରୁ ଏହି ସାମାଜିକବିଧି ନିରାପତ୍ତା ଓ ଅର୍ଥନୈତିକ ଦୃଷ୍ଟିରୁ କରାଯାଏ । ବିବାହ ପୂର୍ବରୁ ଅନୈତିକ ସଂପର୍କ ଚୁକ୍‌ଟିଆ ଭୂଞ୍ଜିଆ ସମାଜରେ ନିଷିଦ୍ଧ । ଚୁକ୍‌ଟିଆ ଭୂଞ୍ଜିଆମାନେ ନିଜ ବଂଶ ବାହାରେ ବିବାହ କରନ୍ତି । ଜଣେ ତା'ର ପିଉସୀ ଝିଅକୁ ବିବାହ କରିପାରେ ବା ମାମୁଁ ଝିଅକୁ ବିବାହ କରିପାରେ । ସ୍ୱ-ଜାତି ବିବାହ ଏକ ସାଧାରଣ ସାମାଜିକ ବିଧାନ । ଏହା ବ୍ୟତୀତ ବଦଳ ବିବାହ, ଝିକା ବିବାହ, ବିଧବା ବିବାହ ଓ ଶାଳୀ ବିବାହ ପରଂପରା ଚୁକ୍‌ଟିଆ ସମାଜରେ କେଉଁକାଳରୁ ଚଳି ଆସୁଛି ।




ଚୁକ୍‌ଟିଆମାନଙ୍କର ବିବାହ ବିଧାନ ଅତି ସରଳ ଓ ନିରାଡ଼ମ୍ବର । ବିବାହରେ ବେଶୀ ଖର୍ଚ୍ଚ କରିବାକୁ ପଡ଼େନାହିଁ । ବିବାହ କାର୍ଯ୍ୟ ଝିଅର ବାପ ଘରେ ହୁଏ । ବିବାହ ପରଂପରା ଅନୁସାରେ ବରକନ୍ୟା ଗୋଟିଏ ପବିତ୍ର ଖୁଣ୍ଟିର ଚାରିକଡ଼ରେ ବୁଲନ୍ତି । ଜାତି ପୁରୋହିତ (ଦିନ୍‌ଓ୍ୱାରି) ଏହି ବିବାହ କାର୍ଯ୍ୟ ପରିଚାଳନା କରେ । ଚୁକ୍‌ଟିଆ ଭୂଞ୍ଜିଆ ଓ ଚିନ୍ଦା ଭୂଞ୍ଜିଆଙ୍କ ମଧ୍ୟରେ ବିବାହ ବିଧି ବେଳାରେ ଦୁଧ-ପାଣି ପର୍ବ ପାଳିତ ହୁଏ । ମାତୃଳ ବଂଶର କେହି ଜଣେ ଦୁଧରେ କନ୍ୟାର ମୁହଁ ଧୋଇଦିଏ । ଏହା ପରେ ସେ ବରପକ୍ଷର ଜଣେ









ସଦସ୍ୟା ଭାବରେ ପରିଗଣିତ ହୁଏ । ଚୁକ୍‌ଟିଆ ପରିବାରରେ ଯୌତୁକ ପ୍ରଥା ନାହିଁ । ବିବାହ ପରେ ବର-କନ୍ୟା ମଧ୍ୟରେ ମନାନ୍ତର - ମତାନ୍ତର ହେଲେ ସ୍ୱ-ଇଚ୍ଛାରେ ଜଣେ ଆଉ ଜଣକୁ ଛାଡପତ୍ର ଦେବାର ପରଂପରା ରହିଛି ।




ଚୁକ୍‌ଟିଆ ଭୂଞ୍ଜିଆ ସମାଜରେ ମହିଳାମାନେ ଗର୍ଭବତୀ ହେଲେ ପୂର୍ବପୁରୁଷମାନଙ୍କର ପୁନଃ ଜନ୍ମ ହେଉଥିବାର ବିଶ୍ୱାସ କରନ୍ତି । ଏହି ସମୟରେ ମହିଳାମାନଙ୍କୁ ଭାରି କାମ କରିବାକୁ ବାରଣ କରାଯାଏ । ଗର୍ଭବତୀ





ମହିଳମାନେ ମଧ ଶ୍ମଶାନଭୂମିକୁ ଯାଆନ୍ତି ନାହିଁ । ନିଜ ବଂଶର ଜଣେ ବରିଷ୍ଠ ମହିଳା ସନ୍ତାନ ପ୍ରସବ କାର୍ଯ୍ୟ ତୁଲାଇଥାଏ । ଜନ୍ମିତ ଶିଶୁର ନାଭି ନାଡକୁ ଧାରୁଆ ତୀର ମୁନରେ ଛେଦନ କରି ଜନ୍ମ ସଂସ୍କାର କରାଯାଇଥାଏ ।






# ଧାର୍ମିକ ଜୀବନ




ଚୁକ୍‌ଟିଆ ଭୂଞ୍ଜିଆମାନେ ବହୁ ଦେବଦେବୀଙ୍କୁ ପୂଜା କରନ୍ତି । ସୁନାଦେଈ ସେମାନଙ୍କର ମୁଖ୍ୟ ଆରାଧ୍ୟ ଦେବୀ । ସୁନାବେଡା ଗାଁର ଗୋଟିଏ ପୂଜାମଣ୍ଡପରେ ଦେବୀ ଅଧିଷ୍ଠିତା । ସୁନାଦେଈ ଦେବୀଙ୍କ ପୂଜା ଆରାଧନାର ତିନୋଟି ପ୍ରମୁଖ ପୂଜକ ହେଲେ - ପୂଜାରୀ, ଛତ୍ରିଆ ଓ କତ୍‌ରିଆ । ସୁନାଦେଈଙ୍କ ପୂଜା ବିଧାନରେ ପୂଜାରୀ ମୁଖ୍ୟ । ପୂଜାରୀ ମା' ସୁନାଦେଈଙ୍କୁ ପୂଜା ନୈବେଦ୍ୟ ଅର୍ପଣ କରି ପ୍ରାର୍ଥନା କରେ ।




ଦେବୀଙ୍କ ପୂଜା ସମୟରେ ଛତ୍ରିଆ ଛତା ବା ଛତ୍ରୀ ଧାରଣ କରେ । "କତରିଆ" ବଳି ପକାଏ । ସୁନାବେଢ଼ା ଅଞ୍ଚଳର ୮୪ ଗୋଟି ଗାଁର ଭୂଞ୍ଜିଆମାନେ ଆଶ୍ୱିନ ମାସରେ ପଡୁଥିବା ସୁନାଦେଈ ଦେବୀଙ୍କ ପ୍ରଧାନ ପୂଜା 'ଦଶହରା' ସମୟରେ ଏକତ୍ରିତ ହୁଅନ୍ତି । ଦେବୀଙ୍କ ପାଖରେ ବଳି ପଡେ । ଗାଁ ଏବଂ ଗ୍ରାମବାସୀଙ୍କ ମଙ୍ଗଳ ନିମନ୍ତେ ଦେବୀ ଆଶୀର୍ବାଦପ୍ରଦାନ କରନ୍ତି । ଭଲ ଫସଲ ଉତ୍ପାଦନ ନିମନ୍ତେ ଓ ବନ୍ଧ୍ୟାନାରୀ ସନ୍ତାନ ସମ୍ଭବା ହେବା ନିମନ୍ତେ ଦେବୀ ସୁନାଦେଈ ମଧ୍ୟ ଶୁଭ ଆଶୀର୍ବାଦଦିଅନ୍ତି ।

ଏତଦ୍‌ବ୍ୟତୀତ ଆହୁରି ଅନେକ ଦେବଦେବୀଙ୍କୁ ବରଗ ଭେଦରେ ଭୂଞ୍ଜିଆମାନେ ପୂଜା ଆରାଧନା କରନ୍ତି । ବାର୍‌ଗେ, ମାଟିହାରମାନେ (ମାଇଟି) ମାଟି ଦେବୀଙ୍କୁ ଆଶ୍ୱିନ ମାସରେ ବତକ, କୁକୁଡ଼ା, ଘୁଘୁରି, ବଳି ଦେଇ ସନ୍ତୁଷ୍ଟ କରି ଉତ୍ତମ ଉତ୍ପାଦନ କାମନା କରନ୍ତି । "ବଡ଼ମାଝି" ବିବିଧ ରୋଗ ନିରାକରଣ ବିଶେଷତଃ ବସନ୍ତ ରୋଗ ନିରାକରଣ ଏବଂ ବିଭିନ୍ନ ବିଷଧର ଓ ହିଂସ୍ରଜନ୍ତୁଙ୍କ କବଳରୁ ରକ୍ଷା କରିବା ନିମନ୍ତେ ପୌଷ ମାସରେ ବଳି ଦେଇ ଦେବୀଙ୍କ ପୂଜା କରନ୍ତି । ଅନେକ ହିନ୍ଦୁ ଦେବଦେବୀଙ୍କୁ ମଧ୍ୟ ଚୁକ୍‌ଟିଆ ଭୂଞ୍ଜିଆମାନେ ପୂଜା କରନ୍ତି ।










# ଯାନିଯାତ୍ରା, ପର୍ବପର୍ବାଣି



ଚୁକ୍‌ଟିଆ ଭୁଞ୍ଜିଆମାନେ ବର୍ଷକୁ ତିନୋଟି ମୁଖ୍ୟ ପର୍ବ ପାଳନ କରନ୍ତି । ସେଗୁଡ଼ିକ ହେଲା ଦଶହରା, ବିହନମନ୍ଥୁରା ପର୍ବ ଓ ମହୁଲ ସଂଗ୍ରହ ପର୍ବ । ଏହା ସେମାନଙ୍କର ଜୀବନ-ଜୀବିକା ଓ ସାମାଜିକ ନିରାପତ୍ତା ସହ ସଂପୃକ୍ତ । ଅକ୍‌ଟୋବର ଓ ନଭେମ୍ବର ମାସରେ ଦଶହରା ପର୍ବ ପାଳନ ଅବସରରେ ଦୀର୍ଘ ୧୫ ଦିନ ବ୍ୟାପୀ ମା' ସୁନାଦେଈଙ୍କ ପୂଜାପୀଠରେ ବଡ ଆଡମ୍ବର ସହକାରେ ଚୁକ୍‌ଟିଆମାନେ ପୂଜାକାର୍ଯ୍ୟ ସଂପାଦନ କରନ୍ତି । ପୂଜାର ଶେଷଦିନ ପାଖଆଖ ଗାଁର ବହୁ ପୁରୁଷ ଓ ମହିଳା ସୁନାବେଡା ଗାଁକୁ ବହୁ ପୂଜା ଦେଖିବାକୁ ଆସନ୍ତି । କେଉଁ କାଳରୁ ସେଠାରେ ଥିବା ଏକ ପୁରୁଣା ପବିତ୍ର ବରଗଛ ପାଖରେ ଦେବଦେବ ମହାଦେବ ପୂଜା ପାଇ ଆସୁଛନ୍ତି । ପଥର ଉପରେ ଦଣ୍ଡାୟମାନ ହୋଇଥିବା ପ୍ରାଚୀନ ବରଗଛଟିର ବେଶୀ ଚେର ନାହିଁ । ଅଳ୍ପ ଚେରରେ ପଥର ଉପରେ ବରଗଛଟି ସୁଦୃଢ଼ ଭାବେ ଦଣ୍ଡାୟମାନ ଏହାହିଁ ତାହାର ପବିତ୍ରତା ଓ ଅଲୌକିକତା ।

ଏହି ପ୍ରାଚୀନ ବରଗଛ ମୂଳେ ପ୍ରତିବର୍ଷ ମାର୍ଚ୍ଚ ଓ ଏପ୍ରିଲ ମାସରେ ସୁନାବେଡା ଅଞ୍ଚଳରେ ବହୁ ଲୋକ ଏକତ୍ରିତ ହୋଇ ବିହନମନ୍ଥୁରା ପର୍ବରେ ଭାଗ ନେଇଥାନ୍ତି । ଗ୍ରାମର ଛତ୍ରିଆ ପରିବାର ଏଥିନିମନ୍ତେ ୫ କି.ଗ୍ରା. ବିହନ ଦିଅନ୍ତି । ଏହି ବିହନକୁ ବିଧି ମୁତାବକ ମା' ସୁନାଦେଈଙ୍କ ନିକଟରେ ପୂଜା କରିସାରିବା ପରେ ପୂଜାରେ ଅଂଶ ଗ୍ରହଣ କରିଥିବା ଲୋକମାନଙ୍କ ମଧ୍ୟରେ ବାଣ୍ଟି ଦିଆଯାଏ । ଏହି ମଂଜିକୁ ଡାହିଗ୍ୱଷ ବା ପୋଡୁଗ୍ୱଷରେ ପ୍ରଥମେ ବ୍ୟବହାର କରିବାର ବିଧି ରହିଛି ।



ସୁନାବେଡ଼ାର ଶୋଷେଙ୍ଗାରେ ବୁଢ଼ାରଜା ଓ ଭୀମା ଦେବତା ପୂଜା ପାଉଛନ୍ତି । ସେହି ସ୍ଥାନ ମହୁଲ ଗଛରେ ପରିପୂର୍ଣ୍ଣ । ପ୍ରତିବର୍ଷ ମାର୍ଚ୍ଚ ଓ ଏପ୍ରିଲ୍ ମାସରେ ମହୁଲ ସଂଗ୍ରହ ପର୍ବ ପାଳିତ ହୁଏ । ମାଝି ଓ ଛତ୍ରିଆମାନେ ପୂଜା ଆରାଧନାରେ ସକ୍ରିୟ ଭାଗ ନିଅନ୍ତି । ଉତ୍ତମମାନର ମହୁଲ ଉତ୍ପାଦନ ନିମନ୍ତେ ଦେବତାଙ୍କୁ ପୂଜା ଓ ପ୍ରାର୍ଥନା କରାଯାଏ । ପର୍ବପାଳନ ପରେ ସେହି ମହୁଲ ଗଛ ନିକଟରେ ପତ୍ରକୁଟୀର ନିର୍ମାଣ କରି ମହୁଲ ସଂଗ୍ରହ ଲକ୍ଷ୍ୟରେ ସାମୟିକ ଭାବରେ ଚୁକ୍‌ଟିଆ ଭୁଞ୍ଜିଆମାନେ ବସବାସ କରିବାର ଦେଖାଯାଏ । ବିହନବୁଣା ପର୍ବ ପରି ଏହା ମଧ୍ୟ ଏକ କୃଷିଭିତ୍ତିକ ସାମାଜିକ ପର୍ବ । କୃଷିଭିତ୍ତିକ








ପର୍ବପାଳନ ସମାଜର ଆର୍ଥିକ ସ୍ୱଚ୍ଛଳତାକୁ ତ୍ୱରାନ୍ୱିତ କରିବା ସହିତ ଲୋକମାନଙ୍କ ମଧ୍ୟରେ ପାରସ୍ପରିକ ସହଯୋଗ, ଉତ୍ତମ ବୁଝାମଣା ଓ ପବିତ୍ର ବାତାବରଣ ସୃଷ୍ଟି କରିବାରେ ସହାୟକ ହୋଇଥାଏ ।

ନୃତ୍ୟ, ସଙ୍ଗୀତ ଓ ବାଦ୍ୟ ଭିତରେ ନିଜକୁ ହଜେଇ ଦେଇ ଚୁକ୍‌ଟିଆ ଭୂଞ୍ଜିଆ ମହିଳାମାନେ ପର୍ବପର୍ବାଣିରୁ ଯେଉଁ ପବିତ୍ର ଆନନ୍ଦ ଅନୁଭବ କରନ୍ତି ତାହା ବାସ୍ତବିକ ଅନନ୍ୟ । ଭୂଞ୍ଜିଆ ସମାଜର ସାମାଜିକ ଓ ଅର୍ଥନୈତିକ ଚିତ୍ର ବଦଳିଗଲାଣି । ସେମାନଙ୍କର ପାରଂପରିକ ସଂସ୍କୃତିର ସଂରକ୍ଷଣ ତଥା ଉନ୍ନୟନ ଦିଗରେ ବହୁ ଯୋଜନାମାନ ପ୍ରଣୀତ ହୋଇଛି ।



ଚୁକ୍‌ଟିଆମାନଙ୍କ ନିମନ୍ତେ ସାପ୍ତାହିକ ହାଟରେ ଆୟୋଜିତ କୁକୁଡା ଖେଳ ଆନନ୍ଦ ଉପଭୋଗ କରିବାର ଏକ ପ୍ରମୁଖ ମାଧ୍ୟମ ହୋଇଛି ଏକ ବିରାଟ ଜନସମାଗମ ଏହି ଖେଳକୁ ସଂଦର୍ଶନ ପୂର୍ବକ ଆନନ୍ଦ ଅନୁଭବ କରିଥାନ୍ତି ।










# ରାଜନୈତିକ ଧାରା






ଭୂଞ୍ଜିଆମାନଙ୍କ ରାଜନୈତିକ ସଙ୍ଗଠନ ଗ୍ରାମ ପରିଷଦ ଓ ଆନ୍ତଃଗ୍ରାମ ପରିଷଦଭେଦରେ ଦ୍ୱିବିଧ । ପ୍ରତି ଭୂଞ୍ଜିଆ ଗ୍ରାମରେ ଏକ ସ୍ୱୟଂ ଶାସିତ ସାମାଜିକ ଓ ରାଜନୈତିକ ସଙ୍ଗଠନ ରହିଛି । ଏହି ସଙ୍ଗଠନରେ 'ଭାଇ-ଭାଇ' ସଂପର୍କରେ ସଭ୍ୟମାନେ ଆବଦ୍ଧ । ପୂଜାରୀ, ଛତ୍ରିଆ ଓ କତରିଆମାନେ ସବୁ ଭଲ ମନ୍ଦ ବୁଝାସୁଝା କରନ୍ତି । ଗ୍ରାମ ପରିଷଦସଭାକୁ ମହିଳାମାନେ ଆସନ୍ତି ନାହିଁ । ମାତ୍ର ଆବଶ୍ୟକସ୍ଥଳେ କୌଣସି ଘଟଣାର ପ୍ରତ୍ୟକ୍ଷଦର୍ଶୀ ସାକ୍ଷ୍ୟଦେବା ନିମନ୍ତେ ମହିଳାମାନଙ୍କୁ ଡକାଯାଏ । ଗ୍ରାମ ପରିଷଦରେ ଗ୍ରାମ ବିବାଦର ବିଚ୍ରର ହୁଏ । ଏହା ଏକ ଗ୍ରାମଭିତ୍ତିକ ସାମାଜିକ ବିଚ୍ରର ମଞ୍ଚ । ଏହି ବିଚ୍ରର ମଞ୍ଚର ନିଷ୍ପତ୍ତିକୁ ସମ୍ମାନଦେବା ବାଧ୍ୟତାମୂଳକ । ଆନ୍ତଃଗ୍ରାମ ପରିଷଦର ମୁଖ୍ୟ କୁଡ଼ହା(Kurha) ନାମରେ ପରିଚିତ । ମକଦ୍ଦମ ଏକ ଉଚ୍ଚପଦବୀ । ପୂର୍ବେ ୮୪ ଗୋଟି ଭୂଞ୍ଜିଆ ଗ୍ରାମର ପଦପ୍ରାପ୍ତ କୁଡ଼ହା ହିସାବରେ ମକଦ୍ଦମ କାର୍ଯ୍ୟ କରୁଥିଲେ । ସଂପ୍ରତି ଆଦିବାସୀମାନଙ୍କ ରାଜନୈତିକ ସଙ୍ଗଠନରେ ପରିବର୍ତ୍ତନ ଆସିଛି । ଯେଉଁ ଘଟଣାର ନିଷ୍ପତ୍ତି ଗ୍ରାମ ପରିଷଦରେ ହୋଇପାରେ ନାହିଁ, ତାହା ଆନ୍ତଃ ଗ୍ରାମପରିଷଦକୁ ପଠାଯାଏ । ଆନ୍ତଃଗ୍ରାମ ପରିଷଦର ବିଚ୍ରରକୁ ସମସ୍ତେ ମାନ୍ୟ କରନ୍ତି । ବର୍ତ୍ତମାନ ଗ୍ରାମ ପରିଷଦ, ଆନ୍ତଃଗ୍ରାମ୍ୟ ପରିଷଦଓ ପ୍ରଚଳିତ ସାମାଜିକ ନ୍ୟାୟିକ ବିଚ୍ରରଳୟ (Court) ମଧ୍ୟରେ ସମନ୍ୱୟ ରକ୍ଷା ପୂର୍ବକ ସବୁପ୍ରକାର ବିଚ୍ରରଧାରା ଜାରି ରହିଛି ।






ପଞ୍ଚାୟତରାଜ ବ୍ୟବସ୍ଥାର ଅନୁବର୍ତ୍ତନ ଉପରାନ୍ତ ମଧ୍ୟ ଉଭୟ ପ୍ରଥାର ପ୍ରଚଳନ ସୁସମନ୍ୱୟରେ ଚ୍ଲିଛି ତଥାପି ନିର୍ବାଚିତ ପ୍ରତିନିଧିଙ୍କ (ମହିଳା ପ୍ରତିନିଧିଙ୍କ ସମେତ) କର୍ତ୍ତୃତ୍ୱ କ୍ରମଶଃ ପରିଲକ୍ଷିତ ହୋଇଛି ଏବଂ ପାରମ୍ପରିକ ବିଧିର ବ୍ୟବସ୍ଥା କ୍ରମ ବିଲୁପ୍ତ ହେବାରେ ଲାଗିଛି ।







# ପରିବର୍ତ୍ତନ



ପରିବର୍ତ୍ତନ ସବୁବେଳେ ସ୍ୱାଗତ ଯୋଗ୍ୟ । ସମୟ ସ୍ରୋତରେ ଚୁକ୍‌ଟିଆ ଭୂଞ୍ଜିଆମାନଙ୍କର ସାମାଜିକ ଜୀବନରେ ବହୁତ ପରିବର୍ତ୍ତନ ସଙ୍ଗଠିତ ହୋଇଛି । ଭାରତ ସରକାରଙ୍କ ଜନଜାତି ବ୍ୟାପାର ମନ୍ତ୍ରାଳୟର ଆର୍ଥିକ ସହାୟତା କ୍ରମେ ଓଡ଼ିଶା ସରକାରଙ୍କ ଦ୍ୱାର ଗଠିତ ଚୁକ୍‌ଟିଆ ଭୂଞ୍ଜିଆ ଉନ୍ନୟନ ସଂସ୍ଥା, ଚୁକ୍‌ଟିଆମାନଙ୍କର ସାମାଜିକ ଓ ଅର୍ଥନୈତିକ ବିକାଶ ନିମନ୍ତେ ପ୍ରତିଶୃତିବଦ୍ଧ ହୋଇ ବହୁବିଧ ଯୋଜନାର ସଫଳ ରୂପାୟନ କରି ଭୂଞ୍ଜିଆ ସମାଜର ସର୍ବବିଧ ଉନ୍ନତି ସାଧନ କରିଛି । ତଥାପି ଆଦିମ ଚୁକ୍‌ଟିଆମାନେ ମୁଖ୍ୟ ସାମାଜିକ ସ୍ରୋତରେ ସାମିଲ ହୋଇପାରି ନାହାଁନ୍ତି । ଚୁକ୍‌ଟିଆମାନଙ୍କର ମୁଖ୍ୟ ବାସସ୍ଥଳୀ ସୁନାବେଡାକୁ ଗମନାଗମନର ସୁବିଧା କରାଯାଇଛି । ପୂର୍ବ ଜମିଦାରୀ ଅମଳର ଜୀବନ ଓ ସାଂପ୍ରତିକ ଜୀବନଧାରା ମଧ୍ୟରେ ବେଶ୍ ଫରକ ଆସିଛି । ସୁନାବେଡାରେ ଅଳ୍ପ କେତେ ଘର ଗଣ୍ଡ ଓ ପହରିଆ ବାସ କରୁଛନ୍ତି । ପହରିଆମାନେ କମାର ଜାତିର । ପରବର୍ତ୍ତୀ ସମୟରେ ଗୃଷୀ ଶ୍ରେଣୀର କୁଲତାମାନେ ସୁନାବେଡା ଅଞ୍ଚଳକୁ ଯାଇ ବସବାସ କରୁଛନ୍ତି । କୁଲତାମାନଙ୍କ ପ୍ରଭାବରେ ପ୍ରଭାବିତ ହୋଇ ଚୁକ୍‌ଟିଆମାନେ ଆଧୁନିକ କୃଷିପ୍ରଣାଳୀକୁ ଆପଣେଇନେବା ସହ ଶୈକ୍ଷିକ ବିକାଶ ନିମନ୍ତେ ମାନସିକତାରେ ଢେର ପରିବର୍ତ୍ତନ ଆଣିଛନ୍ତି । ଚୁକ୍‌ଟିଆ ଭୂଞ୍ଜିଆ ଉନ୍ନୟନ ସଂସ୍ଥା ମଧ ଚୁକ୍‌ଟିଆମାନଙ୍କର ଶୈକ୍ଷିକ ବିକାଶ ନିମନ୍ତେ ଅଗ୍ରାଧିକାର ଦେଇଛି । ସୁନାବେଢ଼ାରେ ଏକ ଆବାସିକ ଆଶ୍ରମ ବିଦ୍ୟାଳୟ ରହିଛି । ସାଲିପଡାଠାରେ ଏକ ଆବାସିକ ବିଦ୍ୟାଳୟ ଖୋଲାଯାଇ ସେଥିରେ ମାଟ୍ରିକ୍ ପାଶ କରିଥିବା ଚୁକ୍‌ଟିଆମାନଙ୍କୁ ଚୁକ୍ତିଭିତ୍ତିକ ଶିକ୍ଷକ ଭାବରେ ନିଯୁକ୍ତି ଦିଆଯାଇଛି । ଚୁକ୍‌ଟିଆ ସମାଜରେ ଶିକ୍ଷା ସଚେତନତା ବଢ଼ିବା ଫଳରେ ବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କର ଉପସ୍ଥାନ ସଂଖ୍ୟାରେ ମଧ ଆଶାନୁରୂପ ବୃଦ୍ଧି ପରିଲକ୍ଷିତ ହୋଇଛି ।












ସଂରକ୍ଷଣ ଓ ସଂସ୍କୃତି ବିକାଶ (CCD) ଯୋଜନାରେ ଗଭୀର କୂପ ଖୋଳାଯାଇ ଚୁକ୍‌ଟିଆମାନଙ୍କର ଚାଷ ଜମିକୁ ଜଳଯୋଗାଣର ବ୍ୟବସ୍ଥା କରିବା ସହିତ ଶ୍ରମ ଦିବସ ତଥା ଆର୍ଥିକ ବିକାଶ ନିମନ୍ତେ ସୁଯୋଗ ସୃଷ୍ଟି କରାଯାଇଛି । ବିଜ୍ଞାନଭିତ୍ତିକ କୃଷି ନିମନ୍ତେ ପ୍ରେରଣା ଦେବା ସହିତ ଜଳସେଚନ; କୂପ ଖନନ; ବନ୍ଧ ନିର୍ମାଣ; ଓ ଆବଶ୍ୟକ କୃଷି ଯନ୍ତ୍ରପାତି ଯୋଗାଣ ନିମନ୍ତେ ସବୁପ୍ରକାର ପଦକ୍ଷେପ ନିଆଯାଇଛି । ସରକାରୀ ସହାୟତା ପାଇବା ଫଳରେ ଚୁକ୍‌ଟିଆ ସମାଜର ସାମାଜିକ ବିକାଶ ସାଧିତ ହୋଇଛି ।













ଉଦ୍ୟାନ କୃଷି ଯୋଜନାରେ ଚୁକ୍‌ଟିଆମାନଙ୍କୁ ଆବଶ୍ୟକ ସରକାରୀ ସହାୟତା ଓ ପ୍ରଶିକ୍ଷଣ ଦିଆଯାଇଛି । ଏହା ଦ୍ୱାରା ବିବିଧ ପନିପରିବା, ଅମୃତଭଣ୍ଡା, କଦଳୀ ଆଦି ଚାଷ କରି ସେମାନେ ଲାଭବାନ୍ ହେଉଛନ୍ତି । ବିଭିନ୍ନ ପ୍ରକାର ଫଳ ଓ ଆଖୁଚାଷ ପରି ଅର୍ଥକାରୀ ଫସଲ କରିବା ଦ୍ୱାରା ସେମାନଙ୍କ ଆର୍ଥିକ ଅବସ୍ଥାରେ କ୍ରମଶଃ ସ୍ୱଚ୍ଛଳତା ପରିଲକ୍ଷିତ ହେଉଛି ।







ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ସ୍ୱତନ୍ତ୍ର ଗୋଷ୍ଠୀଗତ ପ୍ରଶିକ୍ଷଣ ଦିଆଯାଇ ସମୁଦାୟ ଗୋଷ୍ଠୀର ଆର୍ଥିକ ବିକାଶ ନିମନ୍ତେ ଚେଷ୍ଟା ଅବ୍ୟାହତ ରହିଛି । ଗୋଷ୍ଠୀଗତ ଭାବରେ ଛେଳି ଓ ମେଣ୍ଢା ପାଳନ କରିବା ଦ୍ୱାରା ଆର୍ଥିକ ବିକାଶ ସହାୟକ ହେଉଛି ।


ପାରଂପରିକ ବିଶ୍ୱାସରେ ପରିବର୍ତ୍ତନ ଆସିବା ଫଳରେ ଚୁକ୍‌ଟିଆମାନେ କ୍ରମଶଃ ଟାଇଲ ଛପର ଘର ନିର୍ମାଣ ଆରମ୍ଭ କଲେଣି । ଏହି ଟାଇଲ ଛପର ଘର ହିଁ ଚୁକ୍‌ଟିଆ ସମାଜର ସାମାଜିକ ଓ ଆର୍ଥିକ ପରିବର୍ତ୍ତନର ଏକ ପ୍ରମୁଖ ଚିତ୍ର ।

ରାଜନୈତିକ ସଚେତନତା ବୃଦ୍ଧି ପାଇବା ଦ୍ୱାରା ଗ୍ରାମସଭା ଗଠନ କରିବା, ସରପଞ୍ଚ, ୱାର୍ଡ ସଭ୍ୟ ହେବା ନିମନ୍ତେ ଉତ୍ସୁକତା ବଢ଼ିଲାଣି । ସୁନବେଡ଼ା ଅଞ୍ଚଳ ସଂପ୍ରତି “ବନ୍ୟ ପ୍ରାଣୀଉଦ୍ୟାନ” ଭାବରେ ଘୋଷିତ ହେବାଦ୍ୱାରା ଉକ୍ତ ଅଞ୍ଚଳକୁ ଲଘୁବନଜାତ ଦ୍ରବ୍ୟ ସଂଗ୍ରହରେ କଟକଣା ଜାରି କରାଯାଇଛି ।













ବଟବୃକ୍ଷ ତଳେ ପ୍ରତିଷ୍ଠିତ ଶଙ୍କରଜୀ ଲିଙ୍ଗାଦେଓଙ୍କ ମନ୍ଦିର ଏବଂ ସୁନାଦେଈଙ୍କ ମନ୍ଦିର ଏବଂ ମହୁଲ ଫୁଲ ସଂଗ୍ରହ ପରି ଦୀର୍ଘ ଦିନ ବ୍ୟାପି ସାଂସ୍କୃତିକ କାର୍ଯ୍ୟକ୍ରମ ତାଙ୍କ ପାରଂପରିକତାକୁ ସୂଚୀତ କରୁଛି ଏବଂ ବିକାଶ ସତ୍ତ୍ୱେ ପରଂପରା ପ୍ରିୟ ଏହା ପ୍ରମାଣିତ ହେଉଛି ।








# ପୃଷ୍ଠଭୂମି

ଜନପଦଠାରୁ ନିରାପଦଅପହଞ୍ଚ ଗିରି ଉପତ୍ୟକା ମଧ୍ୟରେ ନିରାନନ୍ଦ ଜୀବନ ନିର୍ବାହ କରୁଥିବା ସେଇ ଆଦି ମଣିଷ ସମାଜ ଯେଉଁମାନେ ଆଜିର ବିକାଶବ୍ୟୁହର ଜଟିଳତା ମଧ୍ୟରେ ନିଜର ଅସ୍ମିତା ଖୋଜିବାରେ ଲାଗୁଛନ୍ତି, ଏମାନେ ଆମ ପରିଭାଷାରେ ପ୍ରାଚୀନତମ ଜନଜାତି ବିଶେଷ । ଏମାନେ ଅଣ-ଚର୍ଚ୍ଚିତ, ସମ୍ବିଧାନ ସ୍ୱୀକୃତ ବାଷଠୀ ଜନଜାତି ତାଲିକା ଅନ୍ତର୍ଭୁକ୍ତ । ନିଜସ୍ୱ ଭୌଗୋଳିକ ପରିରେଖା ମଧ୍ୟରେ ଅଣ-ସଂକ୍ରମିତ ସାମାଜିକ-ସାଂସ୍କୃତିକ-ଅର୍ଥନୈତିକ ବ୍ୟବସ୍ଥା ଭିତରେ ପ୍ରକୃତି ସହ ସଂଘର୍ଷ କରି ନିଜର ଜୀବନ ନିର୍ବାହ କରିବାରେ ଏମାନେ ପଟୁ ।

ଏମାନଙ୍କୁ ସ୍ୱତନ୍ତ୍ର ଭାବରେ ଚିହ୍ନଟ କରି ସେମାନଙ୍କ ଉନ୍ନତି ମାର୍ଗ ପ୍ରଶସ୍ତ କରାଇବା ନେଇ ବିବିଧ ବିକାଶ ପରିଯୋଜନାଗୁଡ଼ିକୁ ସେମାନଙ୍କ ଅଞ୍ଚଳରେ ପରିଚାଳନା କରାଯାଇଛି । ବିକାଶର ସ୍ରୋତ ସହ ସାମିଲ ହେଲେ ବିବିଧ ଜଟୀଳ ଉପାଦାନ ସଂଘର୍ଷ ହେବା ସ୍ୱାଭାବିକ। ଅପ୍ରାକୃତିକ ବଜାରର ଆଖି ଝଲସା ରୂପ ସଂନ୍ଦର୍ଶନରେ ବିଭୋର ହୋଇ ବାଟହୁଡ଼ିବା ପ୍ରକ୍ରିୟାରେ ସେମାନେ ଅଭ୍ୟସ୍ତ ହୋଇ ଯାଇଛନ୍ତି । ଏଇ ପ୍ରାଚୀନତମ ଜନଜାତି ସେଇ ତଥାକଥିତ ବିକାଶବ୍ୟୁହରେ ମୋହଗ୍ରସ୍ତ । ଆଖି ଝଲସା ବିପଣୀରେ ସେମାନେ ଭାରାକ୍ରାନ୍ତ । ଏହି ଅପ୍ରାକୃତିକ ବ୍ୟବସ୍ଥାକୁ ଆପଣେଇବାରେ ସେମାନେ ଅପ୍ରାଣ ଉଦ୍ୟମ କରୁଛନ୍ତି । ଫଳତଃ ସେମାନଙ୍କର ପାରମ୍ପରିକ ସଂରଚନା ଦୋହଲିବାରେ ଲାଗିଛି । ପରମ୍ପରା ଓ ପ୍ରଗତିର ସନ୍ଧିକ୍ଷଣରୁ ସେମାନେ ବିକାଶ ପାବଚ୍ଛରେ ପାଦଥାପିଛନ୍ତି । ଆଗକୁ ଆହୁରି ସଂଘର୍ଷ କରିବାର ଅଛି । ଏହି ପ୍ରକ୍ରିୟାରେ ସେମାନଙ୍କ ପରମ୍ପରା ଓ ମୌଳିକ ସଂସ୍କୃତି ସଂକଟାପନ୍ନ ହୋଇ କ୍ରମବିଲୁପ୍ତ ପ୍ରାୟ । ହୁଏତ ଆଗାମୀ ଦିନମାନଙ୍କରେ ସେମାନଙ୍କର ସ୍ଥିତି କ'ଣ ହୋଇଥିବ ତାହା ସମୟ ହିଁ କହିବ । ଜନସାଧାରଣ ଏମାନଙ୍କ ବିଷୟରେ ଖୁବ୍ କମ୍ ପରିଚିତ । ଚିତ୍ର ପୋଥି ମାଧ୍ୟମରେ ପୂର୍ବରୁ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ସଂସ୍ଥାନ ଇଂରାଜୀ ଭାଷାରେ ଏକ ପରିଚୟାତ୍ମକ ପୁସ୍ତକ ପ୍ରତ୍ୟେକ ପ୍ରାଚୀନତମ ଜନଜାତିଙ୍କ ଉପରେ ପ୍ରକାଶ କରିଥିଲା । ବର୍ତ୍ତମାନ ଓଡ଼ିଆ ପାଠକଙ୍କ ରୁଚି ଓ ଆବଶ୍ୟକତାକୁ ନେଇ ଏହି ପୁସ୍ତିକାଗୁଡ଼ିକର ଓଡ଼ିଆ ଅନୁସୃଜନ କାର୍ଯ୍ୟ ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ ହାତକୁ ନେଇ ପ୍ରକାଶ କରିଛି । ସାଧାରଣ ପାଠକ, ଗବେଷକ, ଉନ୍ନୟନ ପ୍ରାଧୀକାରୀବୃନ୍ଦ ଏହାର ସଦୁପଯୋଗ କରିପାରିଲେ ପ୍ରକାଶନର ଉଦ୍ଦେଶ୍ୟ ସଫଳ ହେବ । ଏ ସମ୍ବନ୍ଧରେ କୌଣସି ସୁଚିନ୍ତିତ ମତାମତ, ଉପଦେଶ ସର୍ବାଦୌ ଗ୍ରହଣୀୟ ।

**ବିଶ୍ୱର କୁମାର ନାୟକ**
ସଦସ୍ୟ ସଚିବ






**ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ**

ଭୁବନେଶ୍ୱର, ଓଡ଼ିଶା

ସୌଜନ୍ୟ : ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ତଥା ପ୍ରଶିକ୍ଷଣ ପ୍ରତିଷ୍ଠାନ

ମୁଦ୍ରଣ : କ୍ୟାପିଟାଲ ବିଜିନେସ୍ ସର୍ଭିସ ଆଣ୍ଡ କନ୍ସଲ୍‌ଟାନ୍ସି